### ମୁଖ୍ୟମନ୍ତ୍ରୀ ନୂଆ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କରିବା ପ୍ରସଙ୍ଗରେ

# ଶାସକ ବିଜେଡି ଦୋ ମୁହାଁ ନୀତି ଅବଲମ୍ବନ କରୁଛି : ବିଜେପି

- **କେନ୍ଦ୍ର ସବୁ ସମୟରେ ରାଜ୍ୟକୁ ରାସନ ଯୋଗାଇ ଆସୁଥିବା ସମୟରେ ରାଜ୍ୟସରକାର ଅଯଥା କେନ୍ଦ୍ର ସରକାରଙ୍କୁ ଦୋଷ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ**
- **ଟଙ୍କିକିଆ ଚାଉଳରେ କେନ୍ଦ୍ର ସରକାର ୨୯ ଟଙ୍କା , ରାଜ୍ୟ ସରକାର ୨ ଟଙ୍କା ଏବଂ ହିତାଧିକାରୀ ୧ ଟଙ୍କା ଦେଉଛନ୍ତି**

**ଭୁବନେଶ୍ୱର,ତା୨୮/୭ :** ୨୦୧୪ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଓଡିଶାରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ଆସିବ ବୋଲି ନିଜର ନିର୍ବାଚନ ଇସ୍ତାହାରରେ ଘୋଷଣା କରିବା ସହ ଏହି ଘୋଷଣାକୁ କ୍ୟାବିନେଟରେ ଅନୁମୋଦନ କରି ସରକାରୀ ନିଷ୍ପତି ଭାବରେ ଜନ ସାଧାରଣଙ୍କ ଆଗରେ ଉପସ୍ଥାପିତ କରି ସାରିଛନ୍ତି । ୨୦୧୪ର ଘୋଷଣାକୁ ୨୦୧୯ ନିର୍ବାଚନର ଅବ୍ୟବହିତ ପୂର୍ବରୁ କ୍ରିୟାନ୍ୱିତ କରିବାର ବିଳମ୍ବିତ ଘୋଷଣା କରି ଶାସକ ବିଜେଡି ନିଜର ରାଜନୈତିର ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଛି । କେନ୍ଦ୍ର ସବୁ ସମୟରେ ରାଜ୍ୟକୁ ରାସନ ଯୋଗାଇ ଆସୁଥିବା ସମୟରେ ରାଜ୍ୟସରକାର ଅଯଥା କେନ୍ଦ୍ର ସରକାରଙ୍କୁ ଦୋଷ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ୨୦୧୪ ରେ ଘୋଷଣା କରିଥିବା ଏହି ଯୋଜନାକୁ ଦୀର୍ଘଦିନ ବିତିଥିଲେ ବି କାହିଁକି ରାଜ୍ୟସରକାର ଏ ପର୍ଯ୍ୟନ୍ତ ଲାଗୁ କରି ନଥିଲେ ବୋଲି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ।

ଟଙ୍କିକିଆ ଚାଉଳରେ କେନ୍ଦ୍ର ସରକାର ୨୯ ଟଙ୍କା , ରାଜ୍ୟ ସରକାର ୨ ଟଙ୍କା ଏବଂ ହିତାଧିକାରୀ ୧ ଟଙ୍କା ଦେଉଛନ୍ତି । ଏନଏଫଏସଏରେ ଓଡିଶାର ପାଖାପାଖି ୮୬ ଲକ୍ଷ ୫୦ ହଜାର ପରିବାରର ୩ କୋଟି ୨୪ ଲକ୍ଷ ହିତାଧିକାରୀ ରାଜ୍ୟ ସରକାରଙ୍କର ନିଜସ୍ୱ ଇନକ୍ଲୁଜନ ଓ ଏକ୍ସକ୍ଲୁଜନ କ୍ରାଇଟେରିଆ ଆଧାରରେ ତିଆରି ହୋଇଛି । କିନ୍ତୁ ଏହି କ୍ରାଇଟେରିଆକୁ ନମାନି ଦଳୀୟ ଆଧାରରେ କଟକ ମେୟର,ବିଧାୟକଙ୍କ ପତ୍ନୀ,ଏନଏସିର ଉପନଗରପାଳଙ୍କ ସମେତ ଅନେକ ଦଳୀୟ ନେତାଙ୍କୁ ଏହି ଯୋଜନାରେ ସାମିଲ କରି ଜନ ଆକ୍ରୋଶର ଶିକାର ହୋଇଥିବା ସରକାର ଯୋଗ୍ୟ ହିତାଧିକାରୀମାନଙ୍କୁ କାହିଁକି ବଂଚିତ କରିଥିଲେ ତାର ଜବାବ ଦେବେ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ଆଗାମୀ ଦିନରେ ନିର୍ବାଚନକୁ ଦୃଷ୍ଟିରେ ରଖି ଖାଦ୍ୟ ସୁରକ୍ଷା ଯୋଜନାକୁ ଲାଗୁ କରି ଏହାକୁ ଦଳୀୟ ଲୋକଙ୍କୁ ବାଂଟି ଭୋଟ ହାତେଇବା ପାଇଁ ବିଜେଡି ଏପରି ହୀନ ରାଜନୀତି କରୁଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ସାମନ୍ତବାଦୀ ନୀତି ଆଧାରରେ ଏହି ଖାଦ୍ୟ ସୁରକ୍ଷା ଯୋଜନାର ଘୋଷଣା କରିଛନ୍ତି । ଏଥିପାଇଁ ନା କ୍ୟାବିନେଟରେ ପାସ୍ ହୋଇଛି, ନା ବଜେଟରେ ଏଥି ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାର ଚାଉଳ ଯୋଗାଇବା ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ବ୍ୟୟବରାଦ ସ୍ପଷ୍ଟ ଭାବେ ଅନୁମୋଦିତ ହୋଇଛି । ରାଜ୍ୟରେ ବିଗତ ୧୪ ବର୍ଷ ମଧ୍ୟରେ କୃଷି ଉତ୍ପାଦନରେ ଆଖି ଦୃଷ୍ଟିଆ ବୃଦ୍ଧି ହୋଇଛି ବୋଲି ଖୋଦ୍ ସରକାର ମାନିଛନ୍ତି । ଗୋଟିଏ ପଟେ ରାଜ୍ୟସରକାର ରାଜ୍ୟର ବିକାଶ ହେବାର ଡିଣ୍ଡିମ ପିଟୁଥିବାବେଳେ ଅନ୍ୟପଟେ ଶାସକ ବିଜେଡି ଗରିବ ବଢିଛି କହି ଖାଦ୍ୟ ସୁରକ୍ଷା ଆଇନ କଥା ଉଠାଇ ଦୋ ମୁହାଁ ନୀତି ଅବଲମ୍ବନ କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**